# ଆଦର୍ଶର ଚଳନ୍ତି ବିଗ୍ରହ

୰ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

ଆଦର୍ଶର ଏକ ଦାର୍ଶନିକ ଭିତ୍ତିଥାଏ, ଯାହାଦ୍ୱାରା ତାହାର ପ୍ରକୃତି ଓ ସ୍ୱରୂପ ଅବିଧାରଣ କରାଯାଇପାରେ ; କିନ୍ତୁ ଆଦର୍ଶର ପ୍ରତିଷ୍ଠା ଓ ପ୍ରଚାର ଲାଗି ଲୋଡ଼ାହୁଏ ତାହାର କ୍ରିୟାତ୍ମକ ଉପାସନା । ଜୀବନର ଅଭ୍ୟାସ ମଧ୍ୟରେ ଆଦର୍ଶ ରୂପାୟିତ ହେଲେ ସେ ଯେପରି ସ୍ୱଚ୍ଛ ହୋଇଉଠେ, ସେହିପରି ତାର ପୂଜାରୀକୁ ମଧ ଦିଏ ଚିରନ୍ତନ ଗୌରବ । ଏହି ସତ୍ୟର ବାସ୍ତବ ପ୍ରତିମୂର୍ତ୍ତି ଥିଲେ ସ୍ୱର୍ଗତ ନୃସିଂହ ଗୁରୁ ।

ଭାରତୀୟ ସ୍ୱାଧୀନତାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ବହୁ ଉଦାର ରାଜପୁରୁଷଙ୍କ ନାମ । ବୀର ସୁରେନ୍ଦ୍ର ସାଏ, ନାନାସାହେବ, ଝାନ୍‌ସିରାଣୀ, ବକ୍‌ସି ଜଗବନ୍ଧୁ ପ୍ରଭୃତି ସେନାନୀଙ୍କ ଜନନେତୃତ୍ୱ ସେମାନଙ୍କ ପାରମ୍ପରିକ ରାଜବଂଶୀୟ ଅବଦାନ, ପୁନଶ୍ଚ ସ୍ୱାଧୀନତାର ରଣଭୂମିରେ ସେମାନଙ୍କୁ ଅବତୀର୍ଣ୍ଣ କରାଇଥିଲା ବୈଦେଶିକ ଶାସକ ହସ୍ତରେ ସେମାନଙ୍କର ରାଜକୀୟ ନିପୀଡ଼ନ-ରାଜ୍ୟସତ୍ୱଲୋପ ନୀତିର କରାମତିରେ ସେମାନଙ୍କର ସର୍ବସ୍ୱାନ୍ତ ଅବସ୍ଥା । ବୈଦେଶିକ ଶକ୍ତି ବିରୋଧରେ ସେମାନଙ୍କ ପ୍ରତିବାଦ ସେମାନଙ୍କ ରାଜଭକ୍ତ ପ୍ରଜାଗୋଷ୍ଠୀର ସମର୍ଥନ ଯୋଗୁଁ ଗଣଆନ୍ଦୋଳନର ରୂପ ନେଇ ଭାରତୀୟ ଜନତା ପ୍ରାଣରେ କରିଥିଲା ସ୍ୱାଧୀନ ଚେତନାର ଅଙ୍କୁରାରୋପଣ । ତାହା ଏକ ଗଣଚେତନା । ଅବଦମନ ଦ୍ୱାରା ତାହାର ସାମୟିକ ପ୍ରଶମନ ସହିତ କେତେ ନିମକହାରାମ ବିଦେଶୀ ପାଳିତ ଦେଶୀ ନେତାଙ୍କ ସୃଷ୍ଟି ସମ୍ଭବ ହେଲା । କେତେ ଉପାଧି, ଜାଗିର, ପଦପଦବୀ ପ୍ରଭୃତି ଦାନନୀତିର ବହୁବିଧ ପ୍ରୟୋଗ ସେମାନଙ୍କୁ ଆପାତତଃ ବଡ଼ କରିଦେଲା, କିନ୍ତୁ ଜନତା ସେମାନଙ୍କ ପରିଚୟ ଭୁଲିଲା ନାହିଁ । ବରଂ ସେମାନଙ୍କ ଉପସ୍ଥିତି ତଥା ନିରନ୍ତର ବୈଦେଶିକ ଶକ୍ତିର ଯଶୋଗାନ ଦ୍ୱାରା ସଚେତନ ଶିଷ୍ଟ ଭରତୀୟ ସେହି ଶୋଷକ ଶକ୍ତି ବିଷୟରେ ଅଧିକ ଜାଗ୍ରତ ହିଁ ହେଲେ ଏବଂ ସଚେତନ ଶିଷ୍ଟ ସମାଜ ଏକ ବିଦେଶୀ-ବିରୋଧୀ ଅଶାନ୍ତ ଗୋଷ୍ଠୀ ଭାବରେ ଗଢ଼ି ଉଠିଲେ ।

ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ପ୍ରାଥମିକ ଜୀବନ କାହାଣୀରେ ମଧ ବିଚିତ୍ର ଭାବେ ଦେଖିବାକୁ ମିଳେ ଏକ ରାଜାନୁଗ୍ରହ ପରମ୍ପରା-ବ୍ରିଟିଶ ଶାସକଙ୍କ ଦ୍ୱାରା ଅନୁଗୃହୀତ ଦେଶୀୟ ରାଜାଙ୍କ ପୋଷଣପାଳିତ ସମ୍ଭ୍ରାନ୍ତ ଜୀବନଧାରା । ନିୟତିର ଏକ ଇଙ୍ଗିତମୟ ମୁହୂର୍ତ୍ତରେ ଦକ୍ଷିଣ ଆଫ୍ରିକାର ଆଭିଜାତ୍ୟ ସଂପନ୍ନ ବାରିଷ୍ଟର ଗାନ୍ଧୀଙ୍କୁ ଯେଉଁ ଶ୍ୱେତାଙ୍ଗମାନେ କଳାଲୋକ ବିଗ୍ରରରେ ପ୍ରଥମ ଶ୍ରେଣୀ ରେଳଡ଼ବାରୁ ତଳକୁ ଧକ୍‌କା ମାରି ଫୋପାଡ଼ି ଦେଲେ ସେହିମାନେ ସେହି ମୁହୂର୍ତ୍ତରେ ଅଜ୍ଞାତସାରରେ ନିଜ ବ୍ୟବହାର ଦ୍ୱାରା ଜନ୍ମ ଦେଲେ ଉତ୍କଟ ଶ୍ୱେତାଙ୍ଗ ବିରୋଧ ଭାବନା । ପରବର୍ତ୍ତୀ ଘଟଣା ଚକ୍ରରେ ଏହି ମୋହନଦାସ କରମଚାନ୍ଦ ହେଲେ ଭାରତୀୟ ଜାତିର ଜନକ ମହାତ୍ମା ଗାନ୍ଧୀ । ଗାନ୍ଧୀଙ୍କୁ ମହାତ୍ମାଗାନ୍ଧୀ ରେ ପରିଣତ କରିଦେଲା ସେହି କ୍ଷମତା ମଦମତ୍ତ ଶ୍ୱେତାଙ୍ଗ ଗୋଷ୍ଠୀର ଘୃଣା, ଅନାଦର, ନିପୀଡ଼ନ । ମାନବିକତାର ଉଦାରମନ୍ତ୍ର-ଦୀକ୍ଷିତ ଗାନ୍ଧୀ ଏହି ଅମାନବିକ ଅଘାତ ବିରୋଧରେ ପ୍ରତିବାଦ କରିବାକୁ ଯାଇ ଆଫ୍ରିକା, ଏସିଆରେ ଶ୍ୱେତାଙ୍ଗ ସାମ୍ରାଜ୍ୟବାଦର ସମାପ୍ତି କଳ୍ପେ ଭାରତୀୟ ସ୍ୱାଧୀନତା ସମରର ଉଦ୍‌ଯାପନୀ ଅଧାୟର ନେତୃତ୍ୱ ନେଲେ । ଗୁଳି ଗୋଳା କମାଣ ନାହିଁ, ଧନୁଶର ଢ଼ାଲତଲବାର ନାହିଁ, ଥିଲା କେବଳ ସତ୍ୟ ଅହିଂସାର ଆଦର୍ଶ ମଣ୍ଡିତ ନିରସ୍ତ୍ର ମାନବ ସମୁଦାୟର ଭାବସଂହତି - "ଦେଶ୍ ହମାରା, ଧରତି ଅପନୀ, ଫେରିଯାଅ, ଯାଅ ନିଜ ଦେଶକୁ" । ଏ ଜାଗୃତି ଆଣିବାର ସାମାଜିକ ଉନ୍ନୟନ ମନ୍ତ୍ର ଥିଲା ଦଳିତର ସେବା ।

କିନ୍ତୁ ଗୁରୁପାଲି ଗ୍ରାମରେ ଭୂମିଷ୍ଠ ହୋଇଥିବା ଜଣେ କୃଷିଜୀବୀ ବ୍ରାହ୍ମଣ ସନ୍ତାନ ନୃସିଂହ ଗୁରୁ ଶାସକ ଗୋଷ୍ଠୀର କୌଣସି ପ୍ରତ୍ୟକ୍ଷ ଆଘାତର ସୃଷ୍ଟି ନୁହନ୍ତି । ନୃସିଂହ ଗୁରୁ ସ୍ମୃତି ସମିତି ଦ୍ୱାରା ୧୯୮୯ରେ ପ୍ରକାଶିତ ଆତ୍ମଜୀବନୀରେ ସ୍ୱର୍ଗତ ଗୁରୁ ମହାଶୟ ତାଙ୍କ ବାଲ୍ୟ ଓ କୈଶୋର ଜୀବନର ଯେଉଁ ବିବରଣୀ ଲିପିବଦ୍ଧ କରିଯାଇଛନ୍ତି ତହିଁରେ ଏପରି କୌଣସି ଘଟଣାର ଉଲ୍ଲେଖ ନାହିଁ, ଯହିଁରେ ସେ ଭାରତର ସ୍ୱାଧୀନତା ସମସ୍ୟା ବିଷୟରେ କୌଣସି ସଚେତନତା ଲାଭ କରିବାର ସୂଚନା ରହିଛି । ୧୯୦୨ ରେ ତାଙ୍କର ଜନ୍ମ ପରେ ୧୮ବର୍ଷର ବିବରଣରେ ରହିଛି ଜଣେ ମେଧାବୀ ଛାତ୍ରର ଅଧ୍ୟୟନ ପରାୟଣର କଥା । ପ୍ରତିଯୋଗିତା ମୂଳକ ପରୀକ୍ଷାରେ ପ୍ରାଥମିକ ଓ ମାଇନର ସ୍ତରର ବୃତ୍ତି ଲାଭଥିଲା ତାଙ୍କର କୃତିତ୍ୱ । ସେହିପରି ସେ ଅତି ଆନନ୍ଦରେ ଉଲ୍ଲେଖ କରିଯାଇଛନ୍ତି ଯେ ପ୍ରତିବର୍ଷ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ବେଳେ ତାଙ୍କ ଲାଗି ଦୁଇଟି ପୁରସ୍କାର ଧାର୍ଯ୍ୟ-ଗୋଟିଏ ମେଧା ପାଇଁ ଓ ଅନ୍ୟଟି ସଦାଚାର ପାଇଁ । ସେ କାଳର ସ୍କୁଲ ଶିକ୍ଷାରେ ଛାତ୍ରର ଏହି ଗୁଣର ପ୍ରୋତ୍ସାହନ ପାଇଁ ନିର୍ଦ୍ଦିଷ୍ଟ ଦୃଷ୍ଟି ଦିଆଯାଉଥିଲା । ବିଶେଷତଃ ତାଙ୍କର ଶିକ୍ଷକ ଥିଲେ ରାମକୃଷ୍ଣ ପରମହଂସଙ୍କ ଭକ୍ତ ପରମ ଶୃଙ୍ଖଳାପ୍ରେମୀ କୃଷ୍ଣଚନ୍ଦ୍ର ସେନଗୁପ୍ତ ମହାଶୟ (ଟ୍ରେନିଂ ସ୍କୁଲରେ ମୋ ବେଳର ପ୍ରଧାନଶିକ୍ଷକ ଥିଲେ ୧୯୩୯ରେ)

ସଂକ୍ଷେପରେ କହିଲେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ କ୍ରମେ ୧୯୨୧ରେ ସ୍କୁଲ ଛାଡ଼ି ଜାତୀୟ ସ୍କୁଲରେ ଯୋଗ ଦେବା ପୂର୍ବରୁ ଗୁରୁ ମହାଶୟ ଥିଲେ ଜଣେ ଅତ୍ୟନ୍ତ ସଚ୍ଚରିତ୍ର, ଶୃଙ୍ଖଳାପ୍ରିୟ, ମନୋଯୋଗୀ ମେଧାବୀ ଛାତ୍ର । ତାଙ୍କ ମଧ୍ୟରେ ସୁପ୍ତ ଅବସ୍ଥାରେ ଥିଲା ଯେଉଁ ଦେଶପ୍ରେମ ତାହା ୧୯୨୧ରେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ଜାଗ୍ରତ ହୋଇ ଉଠିଲା । ସେହିଦିନଠାରୁ ସେ କଂଗ୍ରେସର ନିଷ୍ଠାପର ସଭ୍ୟ ଓ କର୍ମୀ ଭାବରେ ଥିଲେ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ । ପ୍ରଥମ ଦଶ ବର୍ଷରେ ତାଙ୍କର କାର୍ଯ୍ୟ ଥିଲା ଗାଁ ଗହଳରେ କଂଗ୍ରେସର ବାର୍ତ୍ତା ପ୍ରଚାର ଓ ସଭ୍ୟ ସଂଗ୍ରହ । ଏହି ସମୟରେ ସେ ମହାତ୍ମାଗାନ୍ଧୀଙ୍କ ପ୍ରତ୍ୟକ୍ଷ ସଂପର୍କ-ଲାଭର ସୁଯୋଗ ପାଇଥିଲେ ୧୯୨୮ରେ । ଗାନ୍ଧିଜୀଙ୍କ ଆଦର୍ଶ ରୂପକ ଦୀପ ଶିଖାରେ ତାଙ୍କ ହୃଦୟରେ ଆଲୋକିତ ହୋଇ ଉଠିଲା ଏକ ଗାନ୍ଧୀପ୍ରତିମ ଆଦର୍ଶ, ସତ, ସତ୍ୟାଗ୍ରହ ଆଉ ଅହିଂସାର । ହୁଏତ ଗାନ୍ଧିଜୀଙ୍କର ଦୀକ୍ଷା ନେଇ ତାଙ୍କରି ଭଳି ଆଣ୍ଠୁଲୁଚା ଖଦୀ କରିଆ ପିନ୍ଧିବା, ଜାମାଛାଡ଼ି ଖଣ୍ଡିଏ ବେଢ଼ାଣ ନେଇ ଚଳିବାର କଂଗ୍ରେସୀ ଭେକ ସେ ଏହି ସମୟରୁ ଧାରଣ କଲେ, ଏବଂ ଦେହ ତଥା ମନରେ ହୋଇ ଉଠିଲେ ମହାତ୍ମାଜୀଙ୍କର ସମ୍ବଲପୁରୀ ସଂସ୍କରଣ, ୧୯୩୧ରେ ପ୍ରତ୍ୟକ୍ଷ ଭାବେ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିବାରେ ତାଙ୍କର ସ୍ୱାଧୀନତା-ସଂଗ୍ରାମୀ ଦୀକ୍ଷା ଗ୍ରହଣ ପର୍ବ ପ୍ରତିଷ୍ଠିତ ହେଲା ।

ମହାତ୍ମାଜୀଙ୍କ ଆଦର୍ଶ ଥିଲା ତାଙ୍କ ଆଦର୍ଶ, ମହାତ୍ମାଙ୍କ ପନ୍ଥା ଥିଲା ତାଙ୍କ ପନ୍ଥା, ସ୍ୱୟଂ ଗାନ୍ଧିଜୀଥିଲେ ତାଙ୍କର ଅନୁସରଣୀୟ ଦୃଷ୍ଟାନ୍ତ, ଗୁରୁ । ମହାଜନୋ ଯେନ ଗତଃ ସଃ ପନ୍ଥାଃ ।

ବିଶେଷତଃ ମହାତ୍ମାଜୀଙ୍କ ଭଳି ବେଶପୋଷାକ ପିନ୍ଧି ନଗ୍ନ ପାଦରେ, ବିଦେଶୀ କପଡ଼ା ବର୍ଜନ ଉଦ୍ଦେଶ୍ୟରେ ଦୋକାନୀ ଛତା ବଦଳରେ ତାଳପତ୍ର ଛତା ଟେକି ନିରଳସ ଭବେ ସେ ସକଳ କର୍ମ ସାଧନ କରୁଥିଲେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ । ତାଙ୍କର ବେଶ ପୋଷାକ ପ୍ରତି ଆକ୍ଷେପ କରି ଦିନେ 'ସମାଜ' ସଂପାଦକ ରାଧାନାଥ ରଥ ତାଙ୍କ ମନ୍ତ୍ରୀତ୍ୱ କାଳରେ କଠୋର ମନ୍ତବ୍ୟ ଦେଇଥିଲେ । ଓଡ଼ିଶାର ବିଖ୍ୟାତ ପତ୍ରିକା 'ସମାଜ'ର ଯେ ପ୍ରତିନିଧି ହେବ ତାହାଲାଗି ଏଭଳି ଭିକାରୀ ସୁଲଭ ପୋଷାକ ଶୋଭନୀୟ ନୁହେଁ, ଏହାଥିଲା ରାଧାନାଥ ରଥଙ୍କ ଆକ୍ଷେପର ମର୍ମ । ଠିକ୍ ଏହିଭଳି ଦିନେ ବ୍ରିଟିଶ ରାଣୀଙ୍କ ସହ ସାକ୍ଷାତକାର ପ୍ରସଙ୍ଗରେ ମହାତ୍ମାଜୀଙ୍କ ଆଣ୍ଠୁଏ ଓସାର ଖଦୀ କରିଆକୁ ଆକ୍ଷେପ କରାଯାଇଥିଲା । କିନ୍ତୁ ମହାତ୍ମାଜୀ ଯେଭଳି ଦୃଢ଼ ଅଥଚ ନମ୍ର ଭାବେ ନିଜ ଆଦର୍ଶ ଅନୁରୋଧରେ ମହାମହିମ ସାମ୍ରାଜ୍ଞୀଙ୍କ ସହ ସାକ୍ଷାତକାର ପ୍ରସ୍ତାବକୁ ଅସ୍ୱୀକାର କରିବାକୁ ପଛେଇ ନ ଥିଲେ । ସେହିପରି ନୃସିଂହ ଗୁରୁ ମଧ ଅମ୍ଳାନ ବଦନରେ କହିଥିଲେ ଯେ ସେ "ସମାଜ" ପ୍ରତିନିଧି ନ ରହିବାକୁ ବରଂ ରାଜି, କିନ୍ତୁ ପୋଷାକ ଛାଡ଼ିବେ ନାହିଁ । ଏଥିରେ ଯେଉଁ ଚାରିତ୍ରିକ ବାର୍ତ୍ତା ଅଛି, ଅଛି ନିଜ ଆଦର୍ଶ ପ୍ରତି ସାଲିସ-ବିହୀନ ଆନୁଗତ୍ୟ ତାହା ଅନନ୍ୟ ସାଧାରଣ ।

୧୯୩୨ ପରେ ଗୁରୁ ମହାଶୟ ଗାନ୍ଧିଜୀଙ୍କ ରଚନାତ୍ମକ ଉନ୍ନୟନ ଯୋଜନା ଅନୁସରଣରେ ହରିଜନ ସେବାରେ ଆତ୍ମନିୟୋଗ କଲେ । ୧୯୪୨ରେ ଭାରତଛାଡ଼ ଆନ୍ଦୋଳନରେ ପୁନର୍ବାର କାରାବରଣ କରିବା ପର୍ଯ୍ୟନ୍ତ ହରିଜନ ଛାତ୍ରଙ୍କ ହଷ୍ଟେଲର ସେ ଥିଲେ ତତ୍ତ୍ୱାବଧାରକ । ସରକାରୀ, ବେସରକାରୀ ସବୁ ସ୍ତରରେ ସହାନୁଭୂତି ଆକର୍ଷଣ କରିଥିଲା ଉତ୍ସର୍ଗୀକୃତ ସମାଜସେବାର ମହାବ୍ରତ । ନୈଷ୍ଠିକ ବ୍ରାହ୍ମଣ ସନ୍ତାନ ସେ ଥିଲେ, ଅକାତରରେ ଏ ଦଳିତ ସେବା ଓ ସମାଜ ସଂସ୍କାର କର୍ମରେ ଆତ୍ମନିୟୋଗ ସହିତ ପ୍ରୟୋଜନ ମତେ ଶାସ୍ତ୍ରବିହିତ ଶ୍ରାଦ୍ଧତର୍ପଣାଦି କର୍ମନିର୍ବାହ କରି ସେ ଏକ ଅମ୍ଳାନ ଆଦର୍ଶ ରଖିଯାଇଛନ୍ତି । ପ୍ରଥମ ସାଧାରଣ ନିର୍ବାଚନ ଶେଷରେ ସରକାରୀ ବ୍ୟବସ୍ଥା ମଧ୍ୟରେ ହରିଜନ ଛାତ୍ର-କଲ୍ୟାଣ କାର୍ଯ୍ୟକ୍ରମ ଅଙ୍ଗୀଭୂତ ହେବାପରେ ଆଉ ପୂର୍ବ ଧରଣର ହରିଜନ ଛାତ୍ରାବାସ ଆବଶ୍ୟକ ନ ଥିଲା । କିନ୍ତୁ ୧୯୩୨ ରୁ ୧୯୫୨ ପର୍ଯ୍ୟନ୍ତ ଦୀର୍ଘ କୋଡ଼ିଏ ବର୍ଷ ଧରି ହରିଜନ ସେବାରେ ଯେଉଁ ଆଦର୍ଶ ଗୁରୁ ମହାଶୟ ରଖିଦେଇଥିଲେ ତାହା ସମଗ୍ର ଓଡ଼ିଶାରେ ତଥା ସମଗ୍ର ଭାରତରେ ବାପୁଜୀଙ୍କ ସମେତ ସବୁସ୍ତରର ନେତାଙ୍କ ଦୃଷ୍ଟି ଆକର୍ଷଣ କରି ଶ୍ରେଷ୍ଠ-ସ୍ଥାନୀୟ ବିବେଚିତ ହୋଇଥିଲା ।

୧୯୪୭ ଅଗଷ୍ଟରେ ସ୍ୱାଧୀନତା ଯଜ୍ଞ ସରିଲା । ଯଜ୍ଞର ଯେଉଁ ଅଖଣ୍ଡ ଦୀପ ଜଳୁଥିଲା ପ୍ରାୟ ତିନି ଦଶନ୍ଧି ଧରି ଆନୁଷ୍ଠାନିକ ନିର୍ବାପନ ହେଲା ଛଅ ମାସ ପରେ ୧୯୪୮ ଜାନୁୟାରୀ ତିରିଶ ତାରିଖ ଦିନ । ଦୁଇଟି କାଳର ବିଭାଜକ ବିନ୍ଦୁ ଏହି ଶହୀଦ ଦିବସ । ପ୍ରାକ୍-ସ୍ୱାଧୀନତା ଓ ଉତ୍ତର ସ୍ୱାଧୀନତା-ଏହିପରି ଦୁଇଟି କାଳକୁ ବାରିଦେବା ଲାଗି ଲୋଡ଼ାଥିଲା । ବାପୁଜୀଙ୍କ ଦେହତ୍ୟାଗ ତାଙ୍କ ଆଦର୍ଶ, ତାଙ୍କ କର୍ମଧାରା, ତାଙ୍କ ରଚନାତ୍ମକ ସ୍ୱପ୍ନସବୁ ହୋଇଗଲା ପୋଥିଗତ ବିଦ୍ୟା, ଗ୍ରନ୍ଥାଗାରର ଅପୂର୍ବ ସଂପଦ, ଗବେଷଣାର ବସ୍ତୁ । ଠାଏ ଠାଏ ଖଟୁଲିରେ ତାଙ୍କ ପ୍ରତିଛବି ଥୋଇ ଶଙ୍ଖ ହୁଳହୁଳି କୀର୍ତ୍ତନ ମଧ୍ୟରେ ତାଙ୍କର ପୂଜା ମଧ କଲେ "ଓଁ ବାପୁଜୀ ପରମାତ୍ମନେ ନମଃ" ମନ୍ତ୍ରରେ – ଦରିଦ୍ର ନାରାୟଣ ସେବା ସହିତ ହେଲା ବକ୍ତୃତା ଅଭିଭାଷଣ ପରେ ସାଂସ୍କୃତିକ ଉତ୍ସବ । ଏସବୁ ଅଙ୍ଗେ ନିଭେଇବା କଥା ।

ଉତ୍ତର ସ୍ୱାଧୀନତା କାଳରେ ବପୁଜୀଙ୍କ ଭାରତରେ ଜନ୍ମ ନେଲା ପୃଥିବୀର ବୃହତ୍ତମ ଗଣତନ୍ତ୍ର । ତାଙ୍କରି ପଟ୍ଟଶିଷ୍ୟ ମାନେ ହେଲେ ଏ ଦେଶର କ୍ଷମତା ରାଜନୀତିର ପ୍ରତିଦ୍ୱନ୍ଦିତା ପରାୟଣ ନେତା । ଉନ୍ନୟନ ଯୋଜନାର ଘୋଷିତ ଲକ୍ଷ୍ୟ କାର୍ଯ୍ୟକାରୀ ସ୍ତରରେ ରୂପାୟିତ ହେଲା କି ନାହିଁ ତାହା ହୋଇଛି ଏବେ ବିଶେଷଜ୍ଞଙ୍କ ବିବାଦର ବିଷୟ । ଅନେକଙ୍କ ମତରେ ନବଭାରତର ଉତ୍ତରଣ ସହିତ ବାପୁଜୀଙ୍କ ସ୍ୱପ୍ନର ଅମେଳ ଅତ୍ୟନ୍ତ ବ୍ୟାପକ ପରିମାଣରେ ବାପୁଜୀଙ୍କ ପରିକଳ୍ପନାର ନିଜସ୍ୱ ଭାରତୀୟ ସଂସ୍କୃତିଭିତ୍ତିକ ନୂଆଁ ବୈଷୟିକ ଜୀବନ ଦର୍ଶନ ପୋଷିତ ଭାରତ ଗଠିନ ହୋଇଛି ଆମର ଲକ୍ଷ୍ୟ । ତେଣୁ ତ୍ୟାଗପୂତ ଗାନ୍ଧିହାଓ୍ୱା ଅନତି ବିଳମ୍ବରେ ଅପସାରିତ ହୋଇଗଲା । ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ ସେବା ଗ୍ରାମର କର୍ମୀ ପୁରୁଷ

ବିନୋବାଜୀ ହୋଇଗଲେ ସନ୍ଥ, ଆଉ କେହି କେହି ଯେ କେତେଜଣ ନିଷ୍ଠାପର ଗାନ୍ଧୀବାଦୀ ରହିଗଲେ ଦୃଷ୍ଟାନ୍ତ ହୋଇ, ଆମରି ଏ ନୃସିଂହ ଗୁରୁ ତାଙ୍କରି ମଧରୁ ଜଣେ ।

ମୂଳରୁ ସେ କେବେ ହେଲେ ନ ଥିଲେ ପ୍ରମୁଖ ନେତା । ଆଦର୍ଶବାଦୀ ନିଷ୍ଠାପର ନୀରବ କର୍ମୀ ଭାବରେ କଂଗ୍ରେସର ବାର୍ତ୍ତା ଓ କର୍ମ ଯୋଜନାର ପ୍ରଚାର ଥିଲା ତାଙ୍କର କର୍ତ୍ତବ୍ୟ । ଜାଗରଣ ଯୁଗୋଚିତ ସଂଗ୍ରାମୀ ଜୀବନର ଉଦ୍ଦୀପନା ତ ନଥିଲା, ହରିଜନ ସେବାର ପ୍ରୟୋଜନ ମଧ ଉତ୍ତର ସ୍ୱାଧୀନତା କାଳରେ ତାଙ୍କୁ ଅପେକ୍ଷା କରୁ ନଥିଲା । ରାଜନୀତିର ଏ ପରିବର୍ତ୍ତିତ ଅବସ୍ଥାରେ ନୃସିଂହ ଗୁରୁଙ୍କ ଏ ଦେଶସେବାର ଲକ୍ଷ୍ୟ ହେଲା ଓଡ଼ିଶାର ବିଶିଷ୍ଟ ସମ୍ବାଦପତ୍ର 'ସମାଜ'ର ପ୍ରଚାରକ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ସ୍ୱାଧୀନ ଭାରତରେ ପତ୍ର ପତ୍ରିକାର ଭୂମିକା ଉପରେ ଗୁରୁତ୍ୱ ଆରୋପିତ ହେବାରେ ସାମ୍ବାଦିକତା ଯେତେବେଳେ ଏକ ସମ୍ମାନୀତ ବୃତ୍ତିର ମାନ୍ୟତା ପ୍ରାପ୍ତ ହେଲା, ଗୁରୁ ମହାଶୟ ଏହି କାଳରେ ତିନି ଦଶନ୍ଧି ଧରି 'ସମାଜ' ପତ୍ରିକାର ହେଲେ ସମ୍ବାଦଦାତା, ସ୍ୱୀକୃତି ପ୍ରାପ୍ତ ପ୍ରତିନିଧି ଏବଂ ଏଜେଣ୍ଟ । ସମ୍ବଲପୁର ଜିଲ୍ଲା ଏବଂ ଆଖପାଖ ଅଞ୍ଚଳରେ 'ସମାଜ' ସହିତ ନୃସିଂହ ଗୁରୁଙ୍କ ସଂପର୍କ ଘନିଷ୍ଠ ଥିଲା । ଏଥିରେ ବି ତାଙ୍କ ଆଦର୍ଶ ଜୀବନର କୃତିତ୍ୱ ସବୁ ସ୍ତରରେ ସ୍ୱୀକୃତ ହୋଇଥିଲା । ସତ୍ୟ ହିଁ ଥିଲା ତାଙ୍କର ଚିରନ୍ତନ ଆଦର୍ଶ, ଯାହା ସେ ଶିଖିଥିଲେ ମହାତ୍ମାଜୀଙ୍କ ଠାରୁ ।

ଏହି ସମୟ ମଧରେ ୧୯୬୧ରେ ମୁଁ ସମ୍ବଲପୁର ଆସିବା ପରେ ନୃସିଂହ ଗୁରୁଙ୍କ ସହିତ ଘଟିଥିଲା ମୋର ପରିଚୟ । ପ୍ରଥମ ଅବସ୍ଥାରେ ମୁଁ ପ୍ରାୟ ଛଅମାସ ମୁଦିପଡ଼ାରେ ଏକ ଭଡ଼ାଘରେ ରହୁଥିବାବେଳେ ତାଙ୍କ ପରିବାର ଆମ ପ୍ରତିବେଶୀ ଥିଲେ । ସ୍ୱାଧୀନତା ସଂଗ୍ରାମୀ, ହରିଜନ ସେବକ ନୃସିଂହ ଗୁରୁଙ୍କୁ ମୁଁ ଦେଖିନାହିଁ, ଦେଖିଥିଲି ଉତ୍ତର ଜୀବନର ଜଣେ ନିରଳସ ଆଦର୍ଶ ସଜ୍ଜନଙ୍କୁ । ଗୁରୁପାଲିରେ ତାଙ୍କ ଜମିର ତତ୍ତ୍ୱାବଧାନ ଏବଂ 'ସମାଜ'ର ବଣ୍ଟନ, ପରିବେଷଣ ସହିତ ସମ୍ବାଦ ସଂଗ୍ରହ ଏହିପରି ତାଙ୍କ କର୍ମ ଜୀବନର ଦୁଇଟି ଧାରା ସୁନିର୍ଦ୍ଦିଷ୍ଟ ଥିଲା । ନଗ୍ନ ପଦରେ ପିଚୁ ସଡ଼କର ତାତି ସହି ଆଉ ଗାଁ ବାଟର ଓଦାମାଟିର କାଦୁଅ ଚକଟି ସବୁଦିନ ସକାଳେ ଗାଁରୁ ସମ୍ବଲପୁର ଆସିବା ଏବଂ ସନ୍ଧ୍ୟାରେ ଗାଁରୁ ସମ୍ବଲପୁର ଯିବାରେ ସେ ୮୩ ବୟସ ପର୍ଯ୍ୟନ୍ତ କ୍ଳାନ୍ତ ହୋଇନଥିଲେ । ସଡ଼କ ଧାରରେ ନୀରବରେ ସମସ୍ତଙ୍କ ଅଲକ୍ଷ୍ୟରେ ସେ ଚାଲିଥାନ୍ତି । ସବୁ ସଭା ସମିତିରେ ଯୋଗଦେବା ଥିଲା ତାଙ୍କର କର୍ତ୍ତବ୍ୟ । ତାଛଡ଼ା ଏହି ଅଞ୍ଚଳର ସଂସ୍କୃତି, ଗୁଣିଜନ, ପ୍ରମୁଖ ସ୍ଥାନ ସହିତ କୃଷି ଶିକ୍ଷାଦି ଅର୍ଥନୀତିକ ସମସ୍ୟାର ସ୍ୱରୂପ ପ୍ରଦର୍ଶନ କଳ୍ପେ, ମଧେ ମଧେ ସେ ଲେଖୁଥିଲେ ତଥ୍ୟ ଆଧାରିତ ରଚନା । ଭାଷା ପରିଚ୍ଛନ୍ନ ଆଉ ବିଷୟର ଉପସ୍ଥାପନା ସରଳ ଓ ସ୍ୱଚ୍ଛ । ଉଭୟ ସମ୍ବାଦ ଏବଂ ଫିଚର ଲେଖାର ଶୈଳୀରେ ସତ୍ୟ ଆଧାର ରୂପେ ରହି ତାଙ୍କ ସାମ୍ବାଦିକତାର ସ୍ୱରୂପ ନିର୍ଦ୍ଦିଷ୍ଟ କରି ଦେଉଥିଲା । 'ସମାଜ'ର ଅତୀତ ପୃଷ୍ଠା ମଧରେ ତାଙ୍କର ସେ ଲେଖାସବୁ ଖୋଜିଲେ ସାମ୍ବାଦିକ ନୃସିଂହ ଗୁରୁଙ୍କ ଯେଉଁ ସ୍ୱରୂପ ଦେଖିବେ ତାହା ସ୍ୱୟଂ ଏକ ଦୁର୍ଲଭ ଆଦର୍ଶ ।

ସଂକ୍ଷେପରେ କହିଲେ, ଯେତେବେଳେ ଯେଉଁଠାରେ ସେ ଯାହା କରିଛନ୍ତି ତାହା ମଧରେ ତାଙ୍କ ସ୍ୱକୀୟ ବ୍ୟକ୍ତିତ୍ୱ ସୁଲଭ ଏକ ନିଷ୍ଠା ଓ ଆନ୍ତରିକତା ରହି ସେହି କାର୍ଯ୍ୟକୁ ସୁନ୍ଦର କରିଦେଇଛି । କ୍ରୋଧ, ବିରକ୍ତି, ପରନିନ୍ଦା, ପରଶ୍ରୀକାତରତା ପ୍ରଭୃତି ତାଙ୍କୁ ସ୍ପର୍ଶ କରିନଥିଲା ସର୍ବଦା ମୁଖରେ ଲାଗି ରହିଥାଏ ଈଷତ ହାସ୍ୟ । ନିରଳସ କର୍ମଯୋଗୀ ଗୃହସ୍ଥ ଥିଲେ ସ୍ୱର୍ଗତ ନୃସିଂହ ଗୁରୁ-ଆଦର୍ଶର ଅବତାର ।